SET-A

# CPET-2021 . Subject. Odia (1X70)

1. 'ନୌଯାତ୍ରା'- ଚର୍ଯ୍ୟାଗୀତିକାର ସ୍ରଷ୍ଟା କିଏ ?

A) ଭୁସୁକୁ ପା B) ଶବରୀ ପା
C) କାହ୍ନୁ ପା D) ସରହ ପା

2. ଗୋରେଖ ନାଥଙ୍କ ଗୁରୁ କିଏ ?

A) ଆଦି ନାଥ B) ମତ୍ସ୍ୟେନ୍ଦ୍ର ନାଥ

C) ଜାଳନ୍ଧରୀ ନାଥ D) ଚୌରଙ୍ଗୀ ନାଥ

3. ନିମ୍ନଲିଖିତ ଚଉତିଶା ମଧ୍ୟରୁ କେଉଁଟିକୁ ମଙ୍ଗଳଗୀତି ବୋଲି ସମାଲୋଚକମାନେ ଗ୍ରହଣ କରିଛନ୍ତି ?

A) ଆର୍ତ୍ତତ୍ରାଣ ଚଉତିଶା B) କଳାକଳେବର ଚଉତିଶା

C) ମନବୋଧ ଚଉତିଶା D) କଳସା ଚଉତିଶା

4. ସଂସ୍କୃତ ମହାଭାରତର କେଉଁ ପର୍ବର ବିଷୟକୁ ସାରଳା ଦାସ କାଇଁଶିକା ପର୍ବରେ ସନ୍ନିବେଶିତ କରିଛନ୍ତି ?

A) ସୌପ୍ତିକ ପର୍ବ B) ମୌଷଳ ପର୍ବ

C) ଶଲ୍ୟ ପର୍ବ D) ଉଦ୍‌ଯୋଗ ପର୍ବ

5. 'ରୁଦ୍ର ସୁଧାନିଧି'କୁ ସାରଳା ମହାଭାରତ ପୂର୍ବବର୍ତ୍ତୀ ରଚନା ଭାବେ କିଏ ଗ୍ରହଣ କରିଛନ୍ତି ?

A) ବଂଶୀଧର ମହାନ୍ତି B) ମାୟାଧର ମାନସିଂହ

C) ଆର୍ତ୍ତବଲ୍ଲଭ ମହାନ୍ତି D) କରୁଣାକର କର

6. କେଉଁ ପ୍ରସଙ୍ଗଟି ସଂସ୍କୃତ ମହାଭାରତରେ ନାହିଁ ଅଥଚ ସାରଳା ମହାଭାରତରେ ନୂତନ ଭାବେ ସଂଯୋଜିତ ହୋଇଛି ?

A) ଶିବ-ଅର୍ଜୁନ ଯୁଦ୍ଧ B) ନଳ ଉପାଖ୍ୟାନ

C) ଜରାସନ୍ଧ ବଧ D) ସତ୍ୟ ଆମ୍ବ ପ୍ରସଙ୍ଗ

7. ଚର୍ଯ୍ୟାଗୀତିରେ 'ଜୋହ୍ନାବାଡ଼ୀ' କେଉଁ ଅର୍ଥରେ ବ୍ୟବହୃତ ?

A) ସ୍ଥୂଳ ଶରୀର B) ଜ୍ଞାନ ରୂପକ ଚନ୍ଦ୍ରମଣ୍ଡଳ

C) ମହାସୁଖ ଚକ୍ର D) ମହାକାଶ

୫. 'ଜଗନ୍ନାଥ ଚରିତାମୃତ'ର ସ୍ରଷ୍ଟା କିଏ ?

A) ଦିବାକର ଦାସ B) ଦ୍ୱାରକା ଦାସ

C) ଜଗନ୍ନାଥ ଦାସ D) ଦନାଇ ଦାସ

9. 'ମୂର୍ଚ୍ଛିମନ୍ତ କରି ମୃଦୁଗୀତ ବିଚାରଇ / ଏଣୁ କରିଥିବ ଅଳଙ୍କାର ଯୁକ୍ତ ହୋଇ'– ଏହା କାହାର ରଚନା ?

A) ଦୀନକୃଷ୍ଣ ଦାସ B) ଅଭିମନ୍ୟୁ ସାମନ୍ତସିଂହାର

C) ଉପେନ୍ଦ୍ର ଭଞ୍ଜ D) ବଳଦେବ ରଥ

10. 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟ କିଏ ରଚନା କରିଛନ୍ତି ?

A) ମାଧବୀ ଦାସ B) କାର୍ତ୍ତିକ ଦାସ

C) ମହାଦେବ ଦାସ D) ବୃନ୍ଦାବତୀ ଦାସୀ

11. 'ଏକ ଖଣ୍ଡ ହାଡ଼ ବୃନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ'– ଏହା 'ସ୍ତୁତି ଚିନ୍ତାମଣି'ର କେତେ ତମ ବୋଲି ଅନ୍ତର୍ଗତ ?

A) ପଂଚଦଶ ବୋଲି B) ସପ୍ତଦଶ ବୋଲି

C) ସପ୍ତବିଂଶ ବୋଲି D) ଅଷ୍ଟାବିଂଶ ବୋଲି

12. 'ଏ ସୃଷ୍ଟି ଅମୃତମୟ ହେ'– କବିତାର କବି କିଏ ?

A) ଫକୀରମୋହନ ସେନାପତି B) ରାଧାନାଥ ରାୟ

C) ମଧୁସୂଦନ ରାଓ D) ଗଙ୍ଗାଧର ମେହେର

13. କେଉଁଟି ଛ'ମାଣ ଆଠଗୁଣ୍ଠ ଉପନ୍ୟାସର ଚରିତ୍ର ?

A) ନଟବର B) ବୈଷ୍ଣବ ଚରଣ ପଟ୍ଟନାୟକ

C) ମହାଦେବୀ D) ଦିଲଦାର ମିଆଁ

14. ଓଡ଼ିଆ ଅକ୍ଷରରେ ଛପା ହୋଇଥିବା ପ୍ରଥମ ପୁସ୍ତକ କେଉଁଟି ?

A) ହୋଲି ବାଇବେଲ B) ନିଉ ଟେଷ୍ଟାମେଂଟ

C) ଓଡ଼ିଆ ବ୍ୟାକରଣ D) ପଦାର୍ଥ ବିଦ୍ୟାସାର

15. ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସଂପର୍କରେ କେଉଁ କାବ୍ୟରେ କୁହାଯାଇଛି ?

A) ମହାଯାତ୍ରା
B) ଦରବାର
C) ଚିଲିକା
D) ଯଯାତିକେଶରୀ

16. କେଉଁଟି ଯୌଥ ଲେଖକଙ୍କ ଦ୍ୱାରା ରଚିତ ନୁହେଁ ?

A) ରକ୍ତଶିଖା
B) କବିତାବଳି
C) ପଦଧ୍ୱନି
D) ନୂତନ କବିତା

17. 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ'- ପୁସ୍ତକକୁ ଭାଷାତତ୍ତ୍ୱ ଆଲୋଚନା ଶୂନ୍ୟ ବୋଲି କିଏ କହିଛନ୍ତି ?

A) ଫକୀରମୋହନ
B) ଜନ୍ ବୀମ୍‌ସ
C) ରିକେଟସ୍
D) ଗୌରୀଶଂକର

18. ଓଡ଼ିଆ ସାହିତ୍ୟର କେଉଁ ଯୁଗର କବିମାନେ ବାସ୍ତବତା ବିମୁଖ ଥିଲେ ?

A) ସତ୍ୟବାଦୀ ଯୁଗ
B) ସବୁଜ ଯୁଗ
C) ପ୍ରଗତିବାଦୀ ଯୁଗ
D) କୌଣସିଟି ପ୍ରଯୁଜ୍ୟ ନୁହେଁ

19. ହଜାରିବାଗ କାରାଗାରରେ ଥାଇ ଗୋପବନ୍ଧୁ କେଉଁ ପୁସ୍ତକଟି ରଚନା କରିଥିଲେ ?

A) ଅବକାଶ ଚିନ୍ତା
B) ଗୋ-ମାହାତ୍ମ୍ୟ
C) ନଚିକେତା ଉପାଖ୍ୟାନ
D) ଧର୍ମପଦ

20. ଅନ୍ନଦାଶଂକର ରାୟ କେଉଁ ଛଦ୍ମନାମରେ କବିତା ଲେଖିଛନ୍ତି ?

A) ଶୋଭାକାନ୍ତ
B) ଶ୍ରୀ ରାୟ
C) ସବୁଜ କବି
D) ଶ୍ରୀ ସବୁଜ

21. କେଉଁଟି ପ୍ରଗତିବାଦୀ ସାହିତ୍ୟର ଲକ୍ଷ୍ୟ ନୁହେଁ ?

A) ଶ୍ରେଣୀ ବୈଷମ୍ୟର ବିଲୋପ
B) ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀ
C) ବୁର୍ଜୁଆ ବିଳାସର ପ୍ରଚାର
D) ମାନବବାଦୀ ଚିନ୍ତନ

22. ' କଳ୍ପନା ସଂଯୋଗରେ ପ୍ରକୃତିର ଅଭିନବତ୍ୱ'– ଏହା କେଉଁ ବାଦ ?

A) କ୍ଲାସିକ୍‌ବାଦ B) ରୋମାଂଟିକବାଦ

C) ଚିତ୍ରକଳ୍ପବାଦ D) ଅଭିବ୍ୟକ୍ତିବାଦ

23. କେଉଁଟି ପ୍ରତ୍ୟକ୍ଷ ଯୋଗାଯୋଗର ଏକ ଦୃଷ୍ଟାନ୍ତ ନୁହେଁ ?

A) ସଭାରେ ଦିଆଯାଉଥିବା ଭାଷଣ B) ଶ୍ରେଣୀଗୃହରେ ଶିକ୍ଷକଙ୍କ ଶିକ୍ଷାଦାନ

C) ବେତାର ମାଧ୍ୟମରେ ଶୁଣାଯାଉଥିବା କାର୍ଯ୍ୟକ୍ରମ D) ପରସ୍ପର ମଧ୍ୟରେ ହେଉଥିବା ବାର୍ତ୍ତାଳାପ

24. ଯୋଗାଯୋଗ ବ୍ୟବସ୍ଥାର ପ୍ରଥମ ସୋପାନଟି କ'ଣ ?

A) ବାର୍ତ୍ତା ପ୍ରେରଣର ମାଧ୍ୟମ B) ଚିନ୍ତନର ପରିପ୍ରକାଶ

C) ଶ୍ରୋତାର ପ୍ରତିକ୍ରିୟା D) ଅର୍ଥ ଅବବୋଧ

25. କେଉଁ ଯୋଗାଯୋଗ ପଦ୍ଧତିରେ ଲେଉଟାଣି ସଂକେତ ପ୍ରେରଣ କରିହୁଏ ?

A) ଟ୍ରାଫିକ ସିଗ୍‌ନାଲ B) ରେଡ଼ିଓ

C) ଟେଲିଫୋନ୍ D) ଟେଲିଭିଜନ

26. ପତ୍ର ପ୍ରେରଣ ବେଳେ ଠିକଣାରେ କ'ଣ ଲେଖିବା ଜରୁରୀ ନୁହେଁ ?

A) କ୍ୱାଟର୍ ନମ୍ବର B) ପିନ୍ ନମ୍ବର

C) ଷ୍ଟ୍ରୀଟ୍ ନମ୍ବର D) ଫୋନ୍ ନମ୍ବର

27. କେଉଁ ପ୍ରକାରର ପତ୍ରରେ ପତ୍ରର କ୍ରମାଙ୍କ ସ୍ଥାନ ପାଇଥାଏ ?

A) ଦାପ୍ତରିକ B) ଘରୋଇ ପତ୍ର

C) ନିମନ୍ତ୍ରଣ ପତ୍ର D) ସଂପାଦକଙ୍କୁ ପତ୍ର

28. ବିଜ୍ଞାପନ କେଉଁ ଦିଗ ଉପରେ ଗୁରୁତ୍ୱ ଦେଇନଥାଏ ?

A) ଗ୍ରାହକ ଗୋଷ୍ଠୀ ସୃଷ୍ଟିକରିବା B) କିଣିବା ପାଇଁ ପ୍ରବର୍ତ୍ତାଇବା

C) ଗ୍ରାହକଙ୍କୁ ବଜାର ସଂପର୍କରେ ସଚେତନ କରିବା D) ଗ୍ରାହକ କେଉଁ ପ୍ରକାର ଦ୍ରବ୍ୟ ଚାହୁଁଛନ୍ତି ତା ଉପରେ ଗୁରୁତ୍ୱ ଦେବା

29. ଏକ ଦ୍ରବ୍ୟର ବ୍ୟବହାର ନିଷିଦ୍ଧ ପାଇଁ କେଉଁ ପ୍ରକାର ବିଜ୍ଞାପନର ସାହାଯ୍ୟ ନିଆଯାଏ ?

A) ସୂଚନା ଦେଉଥିବା ବିଜ୍ଞାପନ B) ନକାରାତ୍ମକ ବିଜ୍ଞାପନ

C) ପ୍ରବର୍ତ୍ତାଉଥିବା ବିଜ୍ଞାପନ D) ଛଦ୍ମ (ସରୋଗେଟ୍) ବିଜ୍ଞାପନ

30. କେଉଁଟି ସଂଚାରୀଭାବ ଅନ୍ତର୍ଗତ ନୁହେଁ ?

A) ଆବେଗ B) ମରଣ

C) ରତି D) ଲଜ୍ଜା

31. ରସ ହେଉଛି ଭୋଜ୍ୟ-ଭୋଜକ ଭାବ ସମ୍ବନ୍ଧ ଆଧାରିତ- ଏହା କେଉଁ ରସୋତ୍ପତ୍ତିବାଦ ?

A) ଉତ୍ପତ୍ତିବାଦ B) ଅନୁମିତିବାଦ

C) ଭୁକ୍ତିବାଦ D) ଅଭିବ୍ୟକ୍ତିବାଦ

32. 'ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦ କାବ୍ୟମ୍'- ଏହା କେଉଁ ଗ୍ରନ୍ଥରୁ ଆନୀତ ?

A) ସାହିତ୍ୟ ଦର୍ପଣ B) ରସ ଗଙ୍ଗାଧର

C) ନାଟ୍ୟ ଶାସ୍ତ୍ର D) କାବ୍ୟ ମୀମାଂସା

33. ମାଧୁର୍ଯ୍ୟ ଗୁଣ ଆଧାରିତ ରୀତିର ନାମ କ'ଣ ?

A) ବୈଦର୍ଭୀ B) ଗୌଡ଼ୀ

C) ପାଂଚାଳୀ D) ଲାଟୀ

34. କେଉଁ ଗପଟି ଗୋଦାବରୀଶ ମହାପାତ୍ରଙ୍କ ଦ୍ୱାରା ରଚିତ ନୁହେଁ ?

A) ମୁଣ୍ଡା ସାହାଡ଼ା B) ମାଗୁଣିର ଶଗଡ଼

C) ପଟ୍ଟନାୟକେ ପଇସାଟିଏ D) ରେଙ୍ଗୁନ୍ ଯାତ୍ରୀ

35. କେଉଁଟି ଶିଶୁ ମନସ୍ତତ୍ତ୍ୱଭିତ୍ତିକ ଗଳ୍ପ ନୁହେଁ ?

A) ଲକ୍ଷ୍ମୀର ଅଭିସାର B) ଭଙ୍ଗାଖେଳନା

C) ଅନ୍ଧରାତିର ସୂର୍ଯ୍ୟ D) ମିମିର ସାହିତ୍ୟ ଶିକ୍ଷା

36. 'ମଣିଷର ଭାଷା' ପୁସ୍ତକଟି କାହାର ରଚନା ?

A) ବାସୁଦେବ ସାହୁ　B) ଗୋଲୋକ ବିହାରୀ ଧଳ

C) ଦେବୀ ପ୍ରସନ୍ନ ପଟ୍ଟନାୟକ　D) ବିଜୟ ପ୍ରସାଦ ମହାପାତ୍ର

37. ପଶ୍ଚଜିହ୍ୱା କୋମଳ ତାଲୁ ସହ ମିଳିତ ହୋଇ କେଉଁ ଧ୍ୱନି ସୃଷ୍ଟି ହୁଏ ?

A) ତାଲବ୍ୟ ଧ୍ୱନି　B) ଦନ୍ତ୍ୟ ଧ୍ୱନି

C) କଣ୍ଠ୍ୟ ଧ୍ୱନି　D) କାକଲ୍ୟ ଧ୍ୱନି

38. ରାଜା ଶମ୍ଭୁଯଶଙ୍କ ତାମ୍ରପତ୍ର କେଉଁଠାରୁ ପ୍ରାପ୍ତ ହୋଇଥିଲା ?

A) ଜଉଗଡ଼　B) କଣାସ

C) ସୋନପୁର　D) ସୋର

39. କେଉଁଟି କ୍ଲାସିକବାଦର ପରିପନ୍ଥୀ ?

A) ଅଭିଜାତ ରୁଚି　B) ବ୍ୟକ୍ତି ସ୍ୱତନ୍ତ୍ରତା

C) ଉଚ୍ଚ ମୂଲ୍ୟବୋଧ　D) ସାର୍ବଜନୀନତା

40. 'ଚିତ୍ରକଳ୍ପ ଏକ ଶବ୍ଦଚିତ୍ର, ଏକ ଶବ୍ଦନାମ, ଏକ ରୂପକ'- ଏହି ଉକ୍ତିଟି କାହାର ?

A) ଡେଭ୍ରେନ୍　B) ଟି. ଇ. ହ୍ୟୁମ୍

C) ଏଜ୍‌ରା ପାଉଣ୍ଡ　D) ସି. ଡି. ଲୁଇସ୍

41. ପ୍ରକାଶକାଳ ଅନୁଯାୟୀ କେଉଁ ପୁସ୍ତକଟି ପ୍ରଥମେ ପ୍ରକାଶିତ ?

A) ବାଜିରାଉତ　B) ଅଭିଯାନ

C) ପାଣ୍ଡୁଲିପି　D) ପଲ୍ଲୀଶ୍ରୀ

42. କେଉଁଟି ଗୁରୁପ୍ରସାଦ ମହାନ୍ତିଙ୍କ କବିତାର ଏକ ଚରିତ୍ର ?

A) ଶୁକଦେବ ଜେନା　B) ବିନତା

C) ହରେକୃଷ୍ଣ ଦାସ　D) ଗୋବରା ଜେନା

43. ସୀତାକାନ୍ତ ମହାପାତ୍ର କେଉଁ ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

A) ଆରଦୃଶ୍ୟ B) ଶବ୍ଦର ଆକାଶ

C) ଅଷ୍ଟପଦୀ D) ଦୀପ୍ତି ଓ ଦ୍ୟୁତି

44. କେଉଁ ନାଟକଟି ମନୋରଂଜନ ଦାସଙ୍କ ଦ୍ୱାରା ରଚିତ ?

A) ମୃଗୟା B) ରାଜହଂସ

C) ଅଥବାଅନ୍ଧାର D) ବନହଂସୀ

45. ନିମ୍ନ ନାଟକ-ନାଟ୍ୟକାର ଯୋଡ଼ିରୁ କେଉଁଟି ଠିକ୍ ନୁହେଁ ?

A) ଅରୁଣ ରଙ୍ଗର ପକ୍ଷୀ-ରତି ରଂଜନ ମିଶ୍ର B) ଆଶ୍ରା ଖୋଜିବୁଲୁଥିବା ଈଶ୍ୱର- ନାରାୟଣ ସାହୁ

C) ସତର୍କ ସଂଘମିତ୍ରା- ପ୍ରମୋଦ କୁମାର ତ୍ରିପାଠୀ D) କଂସର ଆତ୍ମା- ବିଜୟ କୁମାର ଶତପଥୀ

46. ବ୍ରଜ ସୁନ୍ଦର ଦାସ କେଉଁ ପତ୍ରିକାର ସଂପାଦକ ଥିଲେ ?

A) ଶିକ୍ଷାବନ୍ଧୁ B) ମୁକୁର

C) ଉତ୍କଳ ଦର୍ପଣ D) ଡଗର

47. କେଉଁଟି ପ୍ରାକ୍-ସ୍ୱାଧୀନତା କାଳର ପତ୍ରିକା ନୁହେଁ ?

A) ନିଆଁଖୁଂଟା B) ଡଗର

C) ସତ୍ୟବାଦୀ D) ଝଙ୍କାର

48. 'ରୁକୁଣା ରଥ ଅଣଲେଉଟା'- ଏହା କେଉଁ ପ୍ରକାରର ଲୋକୋକ୍ତି ?

A) ଢଗଢମାଳି B) ପ୍ରହେଳିକା

C) ପ୍ରବାଦ D) ପ୍ରବଚନ

49. କେଉଁ ଦଣ୍ଡଟି ଦଣ୍ଡନାଟ ଅନ୍ତର୍ଭୁକ୍ତ ନୁହେଁ ?

A) ଧୂଳିଦଣ୍ଡ B) ବଜ୍ରଦଣ୍ଡ

C) ରୁଦ୍ରଦଣ୍ଡ D) ଅଗ୍ନିଦଣ୍ଡ

50. ଓଡ଼ିଆ ଲୋକଗୀତଗୁଡ଼ିକୁ ପ୍ରଥମେ କିଏ ସଂଗ୍ରହ କରି ପ୍ରକାଶ କରିଥିଲେ ?

A) କପିଳେଶ୍ୱର ବିଦ୍ୟାଭୂଷଣ  B) ଚକ୍ରଧର ମହାପାତ୍ର

C) କୁଞ୍ଜବିହାରୀ ଦାଶ  D) ଗୋପାଳଚନ୍ଦ୍ର ପ୍ରହରାଜ

51. କେଉଁଟି ଚିତ୍ତରଂଜନ ଦାସଙ୍କ ଦ୍ୱାରା ରଚିତ ନୁହେଁ ?

A) ବିଶ୍ୱକୁ ଗବାକ୍ଷ  B) ଜୀବନ ବିଦ୍ୟାଳୟ

C) ମଧୁ ସନ୍ଧାନ  D) ତରଙ୍ଗ ଓ ତଡ଼ିତ୍

52. 'ପର ଲାଙ୍ଗୁଡ଼ ଧରା ବଡ଼ଲୋକୀ ବଡ଼ଲୋକୀ ନୁହେଁ, ସେ ଗୋଲାମର ଗୋଲାମୀ ମାତ୍ର'– ଏହା ଗୋବିନ୍ଦ ତ୍ରିପାଠୀଙ୍କର କେଉଁ ପ୍ରବନ୍ଧରୁ ଆସିଛି ?

A) ଜଖାରୁ ଫୁଲ  B) ଛେନାଗୁଡ଼

C) ଆକାଶ କଇଁଆ  D) ବଟୁଆ

53. 'ଶ୍ରୀଭାରତ ଦର୍ପଣ' ଆଲୋଚନା ଗ୍ରନ୍ଥଟି କାହାର ?

A) ଆର୍ତ୍ତବଲ୍ଲଭ ମହାନ୍ତି  B) ଗୋପୀନାଥ ନନ୍ଦ

C) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ  D) ମାୟାଧର ମାନସିଂହ

54. କେଉଁଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଆତ୍ମଜୀବନୀ ?

A) ମୋ କାହାଣୀ  B) ଗାଁର ଡାକ

C) ଅମୃତ ଅନୁଭବ  D) ଜୀବନ ପଥେ

55. 'ସ୍ରୋତସ୍ୱତୀ'– ଏହା କେଉଁ ସାରସ୍ୱତ ସାଧକଙ୍କ ଆତ୍ମଜୀବନୀ ?

A) ସୁରେନ୍ଦ୍ର ମହାନ୍ତି  B) ବିନୋଦ କାନୁନ୍‌ଗୋ

C) ଗୋପୀନାଥ ମହାନ୍ତି  D) ପଠାଣି ପଟ୍ଟନାୟକ

56. କେଉଁଟି ମାୟାଧର ମାନସିଂହଙ୍କ ଦ୍ୱାରା ରଚିତ ଭ୍ରମଣ ପୁସ୍ତକ ?

A) ବିଲାତ କଥା  B) ପଥ ଓ ପଥିକ

C) ପଶ୍ଚିମ ଦିଗନ୍ତ  D) ପଶ୍ଚିମ ପଥିକ

57. କେଉଁଟି ଜଣେ ସମାଲୋଚକ ପଥରେ ଅନ୍ତରାୟ ?

A) ସହୃଦୟ ଭାବ B) ଏକଦେଶଦର୍ଶୀ

C) ବିଚାର ଶକ୍ତି D) ସମ୍ବେଦନଶୀଳ ଭାବ

58. ଛ'ମାଣ ଆଠଗୁଣ୍ଠ ଉପନ୍ୟାସକୁ କେଉଁ ଲେଖକଙ୍କ କୃତି ସହିତ ତୁଳନା କରାଯାଏ ?

A) ମାକ୍ସିମ ଗର୍କି B) ଶରତଚନ୍ଦ୍ର

C) ପ୍ରେମଚାନ୍ଦ D) ଦସ୍ତୋଭସ୍କି

59. ପରିବେଷଣ ଦୃଷ୍ଟିରୁ କେଉଁଟି ସଙ୍ଗୀତ ପ୍ରଧାନ ଲୋକନାଟ୍ୟ ?

A) ଡାଲଖାଇ B) ଦଣ୍ଡନାଟ

C) କଣ୍ଢେଇନାଚ D) ବହୁରୂପା

60. କେବେ ଶ୍ରୀ ଜଗନ୍ନାଥଙ୍କ ଠାରେ ରସଗୋଲା ଭୋଗ ଲାଗିହୁଏ ?

A) ରଥଯାତ୍ରା ବେଳେ B) ବାହୁଡ଼ା ଯାତ୍ରା ଅବସରରେ

C) ସ୍ନାନ ପୂର୍ଣ୍ଣିମାରେ D) ନୀଳାଦ୍ରି ବିଜେ ଅବସରରେ

61. ବେତାର ନାଟକ କେଉଁ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ?

A) ମଂଚସଜ୍ଜା B) ଧ୍ୱନି ମାଧ୍ୟମରେ ଦୃଶ୍ୟଧର୍ମିତା

C) ଚରିତ୍ରର ରୂପଚର୍ଯ୍ୟା ଓ ବେଶଭୂଷା D) କଳାକାର ଓ ଶ୍ରୋତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ

62. କେଉଁ କାରଣରୁ ପାପିଷ୍ଠ-ପାପିଷ୍ଟ (ଉଚ୍ଚାରଣରେ) ହୋଇଥାଏ ?

A) ସଘୋଷୀ ଭବନ B) ଅଘୋଷୀ ଭବନ

C) ଅଳ୍ପପ୍ରାଣୀ ଭବନ D) ମହାପ୍ରାଣୀ ଭବନ

63. କେଉଁଟି ଅଷ୍ଟ୍ରିକ୍ ଶବ୍ଦ ନୁହେଁ ?

A) କୁଣ୍ଡା B) ଟାଙ୍ଗିଆ

C) ବଟୁଆ D) ଚାଟି

୬୪. ନିମ୍ନ ବାକ୍ୟାଂଶ ବା ଖଣ୍ଡବାକ୍ୟ ମଧ୍ୟରୁ କେଉଁଟି ସରକାରୀ ନଥିରେ ବ୍ୟବହୃତ ହେଉଥିବା ଟିପ୍ପଣୀ ନୁହେଁ ?

A) ମଂଜୁର ହେଲା  B) ବୁଝି କହିବି

C) ପ୍ରାର୍ଥନା ଅଗ୍ରାହ୍ୟ ହେଲା  D) ବର୍ତ୍ତମାନ ସମ୍ଭବ ନୁହେଁ

୬୫. ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା ବା ତର୍କଣା କରାଗଲେ କେଉଁ ଅଳଙ୍କାର ହୁଏ ?

A) ଉପମା  B) ରୂପକ

C) ଉତ୍ପ୍ରେକ୍ଷା  D) ବ୍ୟତିରେକ

୬୬. କେଉଁ ଶବ୍ଦଟି ଅଶୁଦ୍ଧ ?

A) ଅପଦସ୍ତ  B) ନୀରୋଗ

C) ବାଗ୍‌ଦେବୀ  D) ସନ୍ନ୍ୟାସ

୬୭. ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ' କେଉଁ ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶ ପାଇଥିଲା ?

A) ସମାଜ  B) ସମ୍ବାଦ

C) ଧରିତ୍ରୀ  D) ପ୍ରଜାତଂତ୍ର

୬୮. 'ବାଗୀଶ୍ୱରୀ' ଶବ୍ଦର ସନ୍ଧି ବିଚ୍ଛେଦ କଲେ କଣ ହେବ ?

A) ବାଗୀଶ+ଅରୀ  B) ବାଗ୍+ଈଶ୍ୱରୀ

C) ବାଗୀ+ଈଶ୍ୱରୀ  D) ବାକ୍+ଈଶ୍ୱରୀ

୬୯. 'ଗୋଠଖଣ୍ଡିଆ'- ଏହି ସମସ୍ତପଦ ସହିତ କେଉଁ ସମାସର ସମ୍ପର୍କ ରହିଛି ?

A) କର୍ମଧାରୟ  B) ବହୁବ୍ରୀହି

C) ତତ୍ପୁରୁଷ  D) ଦ୍ୱିଗୁ

୭୦. 'ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ'- କବିବର ରାଧାନାଥ ଏକଥା କାହାକୁ ଲକ୍ଷ୍ୟକରି କହିଛନ୍ତି ?

A) ଗଙ୍ଗାଧର ମେହେର  B) ମଧୁସୂଦନ ରାଓ

C) ବଳଦେବ ରଥ  D) ଉପେନ୍ଦ୍ର ଭଂଜ